ଧରିତ୍ରୀ
DHARITRI
ରବିବାର, ୧୦ ଜୁଲାଇ, ୨୦୨୨



## ସଂକ୍ଷେପରେ

### ପାଦରେ ଚଢ଼ିଗଲା ରଥ, ନାବାଳକ ଗୁରୁତର



କାମାକ୍ଷାନଗର, ୯।୭(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କନ୍ଧରା ଗ୍ରାମରେ ବାହୁଡ଼ା ଯାତ୍ରା ବେଳେ ଅଘଟଣ ଘଟିଛି। ପାଦ ଉପରେ ରଥ ଚକ ଚଢ଼ିଯିବାରୁ ଜଣେ ୭ବର୍ଷର ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସୁଧାକର ସିଂଙ୍କ ପୁଅ ରୁଦ୍ର। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି। ରଥଟଣା ଯାଉଥିବାବେଳେ ରୁଦ୍ର ରଥ ପାଖରେ ଛିଡ଼ା ହୋଇଥିଲେ। ଏହି ସମୟରେ ରଥ ତାଙ୍କ ପାଦରେ ଚଢ଼ିଯିବାରୁ ସେ ଖସିପଡ଼ିଥିଲେ। ଶ୍ରଦ୍ଧାଳୁମାନେ ରଥ ଅଟକାଇ ତାଙ୍କୁ ଉଦ୍ଧାର କରିଥିଲେ।

### ନିରାପତ୍ତା ସପ୍ତାହ ପାଳିତ

କାମାକ୍ଷାନଗର, ୯।୭(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରେ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓଏସ୍ଇପିଏ)ର ନିର୍ଦ୍ଦେଶକ୍ରମେ ବ୍ଲକ ଅଧୀନ ୧୫୮ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି, ନିରାପତ୍ତା କମିଟି ଦ୍ୱାରା ସୁରକ୍ଷା ସମ୍ପର୍କିତ ବୈଠକ, ପରିଷ୍କାର ପରିଚ୍ଛନ୍ନତା, ଶ୍ରେଣୀଗୃହ ଯାଞ୍ଚ, ସଫେଇ, ଫାଷ୍ଟ ଏଡ୍ ଆପ୍ ବ୍ୟବହାର, ଅଗ୍ନି ନିରାପତ୍ତା ଯନ୍ତ୍ର ବ୍ୟବହାର, ଶୌଚାଳୟ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ଶପଥ ପାଠ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାମାକ୍ଷାନଗର ବିଇଓ ଜଗବନ୍ଧୁ ଜେନା, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### କେନ୍ଦ୍ରମନ୍ତ୍ରୀଙ୍କ ଭୁବନ ଗସ୍ତ

ଭୁବନ, ୯।୭(ଡି.ଏନ୍.ଏ.) କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ଶୁକ୍ରବାର ଢେଙ୍କାନାଳ ଜିଲାର ଭୁବନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ପ୍ରଥମେ ସେ କନ୍ହେଇପାଳ ଗ୍ରାମରେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହାପରେ ଏନ୍ଏସି ଅଧୀନ କାଳୀବଜାରରେ ଥିବା ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସର୍ବକନିଷ୍ଠ ଶହୀଦ ବାଜିଙ୍କ ଜନ୍ମସ୍ଥଳ ପରିଦର୍ଶନ କରି ଗ୍ରାମର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ଦଶମ ଶ୍ରେଣୀ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଲୋକ ସଭା କ୍ଷେତ୍ର ପ୍ରଭାରୀ ବିଭୂତି ପ୍ରଧାନ, ସୀମାଞ୍ଚଳ ଖଟୁଆ, ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ପ୍ରମୁଖ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ରଥଗଡ଼ାରେ ଦୁଇରଥ



ମହାପ୍ରଭୁଙ୍କୁ ପହଣ୍ଡି କରି ରଥକୁ ଅଣାଯାଉଛି।

■ବର୍ଷାରେ ବାହୁଡ଼ିଲେ ମହାବାହୁ

■ଆଜି ରଥ ଉପରେ ସୁନାବେଶ

ଢେଙ୍କାନାଳ ଅଫିସ, ୯।୭

ଜନ୍ମବେଦୀରେ ସରିଛି ୯ଦିନର ଲୀଳାଖେଳା। ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କ ସହ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ମହାବାହୁ। ପ୍ରବଳ ବର୍ଷା ସତ୍ତ୍ୱେ ବାହୁଡ଼ା ଯାତ୍ରାକୁ ନେଇ ଢେଙ୍କାନାଳବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ନିର୍ଦ୍ଧାରିତ ସମୟରେ ଦୁଇଥର ରଥଗଡ଼ାରେ ପହଞ୍ଚିଛନ୍ତି।

ବାହୁଡ଼ା ଯାତ୍ରା ଉପଲକ୍ଷେ ବାଜିଚୌକସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରେ ରାଣୀ ସାବିତ୍ରୀ ଦେବୀ ପୂଜାର୍ଚ୍ଚନା କରିଥିଲେ। ଅପରାହ୍ନ ୧ଟା ୧୦ରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ଶ୍ରୀଜୀଉଙ୍କୁ ପହଣ୍ଡି କରି ଆଣିଥିଲେ। ଘଣ୍ଟଘଣ୍ଟା ନାଦରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଅପରାହ୍ନ ୨ଟାରେ ପହଣ୍ଡି ସମ୍ପନ୍ନ ହୋଇ ଠାକୁର ରଥାରୂଢ଼ ହୋଇଥିଲେ। ୨ଟା ୨୨ରେ ଛେରା ପହଁରା ପରେ ୩ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ତେବେ ଆନନ୍ଦ ବଜାର ନିକଟରେ ବଡ଼ରଥର ଡାହାଣ ପାର୍ଶ୍ୱ ଦଉଡି ଛିଣ୍ଡି ଯାଇଥିଲା। ତେବେ ଏଥିରେ କାହାରି କୌଣସି କ୍ଷତି ହୋଇନାହିଁ। ବାରମ୍ବାର ବାମପାର୍ଶ୍ୱକୁ ମୋଡ଼ି ହେବାରୁ ୩ଥର ରଥ ପଛକୁ ଟାଣିବାକୁ ପଡ଼ିଥିଲା। ପ୍ରବଳ ବର୍ଷା ଭିଜିଭିଜି ଶ୍ରଦ୍ଧାଳୁମାନେ ଉତ୍ସାହର ସହ ରଥ ଟାଣିଥିଲେ। ଆଧାତ୍ମିକ ନୃତ୍ୟସଙ୍ଗୀତ, ସଂକୀର୍ତ୍ତନ ମଧ୍ୟରେ ସାନରଥକୁ ମହିଳାମାନେ ଆନନ୍ଦ ଉଲ୍ଲାସର ସହ ଟାଣି ନେଇଥିଲେ। ସନ୍ଧ୍ୟା ୬ଟା ୩୫ରେ ବଡରଥ ଓ ୬ଟା ୫୦ରେ ସାନରଥ ରଥଗଡ଼ାରେ ଲାଗିଛି। ଏମ୍ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାର ସେଠୀ, ଏସ୍ପି ଲୋଗାନୟାଗୀ ଦିବ୍ୟା ଭି., ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ରଥ ଟାଣିବା ସହ ଶୃଙ୍ଖଳାରକ୍ଷା କାର୍ଯ୍ୟ ତଦାରଖ କରିଥିଲେ। ବାହୁଡା ଯାତ୍ରାରେ ୨୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ରବିବାର ରଥରେ ଏକାଦଶୀ ପାଳନ ହେବାକୁ ଥିବାବେଳେ ସନ୍ଧ୍ୟାରେ ସୁନାବେଶରେ ଶ୍ରୀଜୀଉ ସର୍ବସାଧାରଣଙ୍କୁ ଦର୍ଶନ ଦେବେ। ସୋମବାର ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିବେ।



ଯୁବରାଜ ଅମରଜ୍ୟୋତି ସିଂହଦେଓଙ୍କ ରଥ ଉପରେ ଛେରାପହଁରା କରୁଛନ୍ତି।



ଢେଙ୍କାନାଳ ବାହୁଡ଼ାଯାତ୍ରାରେ ଜନଗହଳି।

## ପ୍ୟାସନ ପ୍ରୋ ଏକ୍ସଟେକ୍'ର ବଜାର ପ୍ରବେଶ



କେକ୍ କାଟି 'ପ୍ୟାସନ ପ୍ରୋ ଏକ୍ସଟେକ୍'ର ବଜାର ପ୍ରବେଶ କରାଯାଉଛି।

ଢେଙ୍କାନାଳ ଅଫିସ, ୯।୭

ଢେଙ୍କାନାଳ 'ସୋମ ଅଟୋ' ପରିସରରେ ବହୁ ପ୍ରତୀକ୍ଷିତ ଉତ୍ତମ ଗୁଣବତ୍ତାରେ ଭରପୂର 'ପ୍ୟାସନ ପ୍ରୋ ଏକ୍ସଟେକ୍' ବାଇକ୍ର ବଜାର ପ୍ରବେଶ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଆକ୍ସିସ ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ କାର୍ତ୍ତିକ ଚନ୍ଦ୍ର ସାହୁ କେକ୍ କାଟି ଏହାର ବଜାର ପ୍ରବେଶ କରାଇଥିଲେ। ହିରୋ ମେଟୋକର୍ପ କମ୍ପାନୀ ସର୍ବଦା ଗ୍ରାହକଙ୍କୁ ରୁଚି ଓ ପସନ୍ଦକୁ ଅଗ୍ରାଧିକାର ଦେଇଆସିଛି। ଏହି ଗାଡ଼ି ଗ୍ରାହକଙ୍କ ଚାହିଦା ପୂରଣ କରିପାରିବ ବୋଲି ସେ କହିଥିଲେ। ସୋମ୍ ଅଟୋ ମ୍ୟାନେଜର ଶ୍ରୀଚନ୍ଦନ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ, ଶୁଭେଚ୍ଛୁ ଉପସ୍ଥିତ ଥିଲେ।

## ବାହୁଡ଼ା ଭଜନ ସମାରୋହ ଉଦ୍‌ଘାଟିତ



ଢେଙ୍କାନାଳ ଅଫିସ, ୯।୭

ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ୍‌ଠାରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି ବାହୁଡା ଯାତ୍ରା ଭଜନ ସମାରୋହ। ଏହି କାର୍ଯ୍ୟକ୍ରମ ୩ଦିନ ଧରି ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ 'ଶ୍ରୀଜଗନ୍ନାଥ ଚେତନା ସମିତି'ର ସଭାପତି ପ୍ରଦ୍ୟୁମ୍ନ ରଥ, ଶିକ୍ଷାବିତ୍ ସୁକାନ୍ତ ମିଶ୍ର, ସାମାଜିକ କର୍ମୀ ଶେଷଦେବ ରାଉତ, ବରିଷ୍ଠ ଖବରଦାତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ୧୨ନଂ. ୱାର୍ଡ କାଉନ୍‌ସିଲର ଶୁଭଲକ୍ଷ୍ମୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ 'ସଙ୍ଗୀତ ସାରେଗାମା' ଅନୁଷ୍ଠାନର କଳାକାରମାନେ ଭଜନ ପରିବେଷଣ କରିଥିଲେ। ବାହୁଡା ଯାତ୍ରା ଭଜନ କମିଟି ସମ୍ପାଦକ ବିଶ୍ୱନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ, ସତ୍ୟସ୍ୱରୂପ ଦାସ, ଅରବିନ୍ଦ ସାହୁ, ଅଥୟ ସାହୁ, ବିନୋଦ ମହାନ୍ତି, ଦେବାଶିଷ ମିଶ୍ର, ବାବୁଲି ଦାସ, ନୃସିଂହ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଆଖିବୁଜିଲେ ଦିବ୍ୟାଙ୍ଗ ଲକ୍ଷ୍ମୀପ୍ରିୟା

ପରଜଙ୍ଗ, ୯।୭(ଡି.ଏନ୍.ଏ.)

ଗୁହାରି କରିବା ସତ୍ତ୍ୱେ ଠିକ୍ ସମୟରେ ମିଳିଲାନି ଚିକିତ୍ସା ସହାୟତା। ଯେତେବେଳେ ପ୍ରଶାସନ ତତ୍ପର ହେଲା, ସେତେବେଳକୁ ବଢ଼ିଯାଇଥିଲା ରୋଗ। ଫଳରେ ଦୀର୍ଘ ୫ବର୍ଷ ଧରି ଅଜଣା ରୋଗ ସହିତ ଲଢୁଥିବା କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତୀରା ପଞ୍ଚାୟତ ଗୋଡ଼ିସାହିର ଅମିନ ବାହାଲିଆଙ୍କ ଦିବ୍ୟାଙ୍ଗ ଝିଅ ଲକ୍ଷ୍ମୀପ୍ରିୟା (୧୦) ହାରି ଯାଇଛନ୍ତି। ଗତ ଗୁରୁବାର ରାତିରେ ତାଙ୍କର ପରଲୋକ ହୋଇଯାଇଛି। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ପରିବାର ଲୋକଙ୍କ କହିବା କଥା, କୌଣସି ଅଜଣା ରୋଗର ଶିକାର ହେବା ପରେ ୫ବର୍ଷ ହେଲା ଲକ୍ଷ୍ମୀପ୍ରିୟା ଶଯ୍ୟାଶାୟୀ ହୋଇପଡ଼ିଥିଲେ। ଦିନ ମଜୁରିଆ ବାପା ଅମିନଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହେଉଥିବାବେଳେ ଅର୍ଥାଭାବରୁ ଲକ୍ଷ୍ମୀପ୍ରିୟାଙ୍କ ଚିକିତ୍ସା ସମ୍ଭବ ହୋଇପାରୁ ନ ଥିଲା। ୯୦% ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ସତ୍ତ୍ୱେ ତାଙ୍କୁ ସରକାରୀ ଯୋଜନାରେ ସାମିଲ କରି ଚିକିତ୍ସା ସୁବିଧା ଦିଆଯାଇ ନ ଥିଲା। ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ କେବଳ ଏକ ଟ୍ରାଇ ସାଇକେଲ ଦେଇ କାମ ଚଳାଇ ଦେଇଥିଲା। ପୂର୍ବଥର ମେଡିକାଲ ଟିମ୍ ଠିକ୍ ଭାବେ ଚିକିତ୍ସା କରି ନ ଥିଲା। ତେଣୁ ଚଳିତ ଥର ମେଡିକାଲ ଟିମ୍ ସହ ପରିବାର ଲୋକେ ଝିଅକୁ ଛାଡ଼ିବାକୁ ମନା କରିଦେଇଥିଲେ। ପ୍ରଥମରୁ ଠିକ୍ ଭାବେ ଚିକିତ୍ସା କରାଯାଇଥିଲେ ଝିଅର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି। ରୀତିନୀତି ଅନୁଯାୟୀ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଘରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## କଲେଜ ଗୌରବ ବଢ଼ାଇବାକୁ ସଂକଳ୍ପ

ଢେଙ୍କାନାଳ ଅଫିସ, ୯।୭

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ସମ୍ମାନିତ ଅତିଥି ସରପଞ୍ଚ ଲଳିତା ସାହୁ, ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ସମିତିସଭ୍ୟ ଯୁଗଳ କିଶୋର ମହାରଣା ଯୋଗଦେଇଥିଲେ। ୨୮ ବର୍ଷର ଏହି ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇବା ଲାଗି ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ସଂକଳ୍ପ ନେଇଥିଲେ। ଅଧ୍ୟାପିକା ଡ. ପୁଷ୍ପଲତା ରଥ, ଦୀପ୍ତିବାଳା ମିଶ୍ର, ଅଧ୍ୟାପକ ସମରେନ୍ଦ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଲେଜ କ୍ୟାମ୍ପସରେ ଚାରା ରୋପଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅତିଥିମାନେ।

## ପରିବେଶ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ

ଢେଙ୍କାନାଳ ଅଫିସ, ୯।୭

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ବିଭାଗ ମିଳିତ ସହଯୋଗରେ ଶୁକ୍ରବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ସହ ପରିବେଶ ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ. ଅନିରୁଦ୍ଧ ଖିଲାର ଆଲୋଚନାରେ ଭାଗ ନେଇ ଜୀବଜଗତ ପାଇଁ ଔଷଧୀୟ ଗଛର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଚିନ୍ମୟୀ ସାହୁ, ସବନମ୍ ମହାପାତ୍ର, ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢୀଙ୍କ ସମେତ ଛାତ୍ରୀଛାତ୍ରମାନେ ଚାରା ରୋପଣରେ ସହଯୋଗ କରିଥିଲେ।

# ବାହୁଡ଼ାଯାତ୍ରା ଶୃଙ୍ଖଳିତ

କାମାକ୍ଷାନଗର/ଭୁବନ/ ସାତମାଇଲ, ୯।୭ (ଡି.ଏନ୍.ଏ.)

■ଜଗନ୍ନାଥ ମନ୍ଦିର ସମ୍ମୁଖରେ ଲାଗିଲା ରଥ

ଶେଷ ହୋଇଛି ନବଦିନାତ୍ମକ ଘୋଷଯାତ୍ରା। ଜନ୍ମଦେବୀରେ ମାନବୀୟ ଲୀଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ବିଶ୍ୱନିୟନ୍ତା। ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ମହାପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଥିବାବେଳେ ଏଥିରେ ସାମିଲ ହୋଇଥିଲେ ସହସ୍ରାଧିକ ଶ୍ରଦ୍ଧାଳୁ।

କାମାକ୍ଷାନଗର ଅନନ୍ତପୁରସ୍ଥିତ ମାଉସୀ ମା' ମନ୍ଦିରରେ ନୀତିକାନ୍ତି ସରିବା ପରେ ଶ୍ରୀଜୀଉଙ୍କ ବେଶ ହୋଇଥିଲା। ଅପରାହ୍ନ ୫ଟାରେ ପହଣ୍ଡିରେ ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ରଥଟଣା ଯାଇଥିଲା। ସନ୍ଧ୍ୟା ୬ଟା ସୁଦ୍ଧା ବଜାର ଛକସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ରଥ ପହଞ୍ଚିଛି। ସୁବ୍ରତ ତ୍ରିପାଠୀ ଛେରାପହଁରା କାର୍ଯ୍ୟ ତୁଲାଇଥିବାବେଳେ ପଣ୍ଡିତ ସତୀଶ କୁମାର ଆଚାର୍ଯ୍ୟ, ପ୍ରଦୀପ୍ତ ପଣ୍ଡା ରଥରେ ପୁରୋଧା ଭାବେ ଉପସ୍ଥିତ ଥିଲେ। ସଞ୍ଜୟ ମିଶ୍ର, ଶିଶିରକାନ୍ତ ପଣ୍ଡା, ପ୍ରତ୍ୟୁଷ ମିଶ୍ର, ବ୍ରହ୍ମାନନ୍ଦ ବେହେରା, ଅକ୍ଷୟ ନନ୍ଦ, ନିର୍ମଳ ସାହୁ, ଗୁଡୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଆଳତୁମା, ବଡସୁଆଁଳୋ, କାଦୁଆ, ଆଲୁଅଝରଣ ଅଁଳାବେରେଣି, ଜିରିଡ଼ାମାଳିରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଅନୁରୂପ ଭାବେ ଭୁବନରେ ଆନନ୍ଦ ଉଲ୍ଲାସର ସହ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଡପବେଦୀରେ ଆବଶ୍ୟକ ନୀତିକାନ୍ତି ପରେ ପୂର୍ବାହ୍ନ ୧୧.୩୦ରେ ଠାକୁରଙ୍କ ପହଣ୍ଡି ଏବଂ ଛେରାପହଁରା କରାଯାଇଥିଲା। ବଳଭଦ୍ରଙ୍କ ରଥ ଭାଙ୍ଗିଯାଇଥିବାରୁ ଚତୁର୍ଦ୍ଧା ମୂର୍ତ୍ତି ଦୁଇ ରଥରେ ରଥାରୂଢ଼ ହୋଇଥିଲେ। ଏହାପରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ସୁଦ୍ଧା ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଛି। କଂସାରି ସମ୍ପ୍ରଦାୟର ଘଣ୍ଟବାଦ୍ୟ, ହରିବୋଲ, ହୁଳହୁଳି, ସଂକୀର୍ତ୍ତନ ମଣ୍ଡଳୀର ନୃତ୍ୟଗୀତରେ ଅଞ୍ଚଳ କମ୍ପି ଉଠିଥିଲା। ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ।

ପ୍ରବଳ ବର୍ଷା ଯୋଗୁ ହିନ୍ଦୋଳ ବ୍ଲକ ଖଜୁରିଆକଟା ବଜାରରେ ରଥଟଣା ବିଳମ୍ବିତ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ରଥ ବସ୍‌ଷ୍ଟାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଲାଗିଛି। ବାହୁଡ଼ା ଯାତ୍ରା ଉପଲକ୍ଷେ ନିତ୍ୟ ପୂଜକ ନରେଶ ଚନ୍ଦ୍ର ତ୍ରିପାଠୀଙ୍କ ଦ୍ୱାରା ଆବଶ୍ୟକ ନୀତିକାନ୍ତି ପରେ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ପହଣ୍ଡି କରି ରଥକୁ ବିଜେ କରାଯାଇଥିଲା। ସେବକ ବିଶ୍ୱରଞ୍ଜନ ଛେରାପହଁରା କରିଥିଲେ। ବର୍ଷା କାରଣରୁ ଘଣ୍ଟାଏ ବିଳମ୍ବରେ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲେ। ଏମ୍ପି ମହେଶ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ ପ୍ରମୁଖ ଠାକୁରଙ୍କ ଦର୍ଶନ କରିଥିଲେ। ମଙ୍ଗରାଜ ପ୍ରଧାନ, ବାବୁରାମ ନାୟକ, ସୁରେଶ ଚନ୍ଦ୍ର ପ୍ରଧାନ, ବିରଞ୍ଚି ତ୍ରିପାଠୀ, ମଙ୍ଗରାଜ ଜେନାମଣି, କାଳିଆ ଜେନାମଣି, ବିଭୂତି ଭୂଷଣ ସାହୁ, ଭଗବାନ ସାହୁ, ଅନିଲ ରାଠୀ, ତ୍ରିଲୋଚନ ପ୍ରଧାନ, ସନାତନ ବେହେରାଙ୍କ ସମେତ ବାଲିମୀ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ଭୁବନରେ ବଳଭଦ୍ରଙ୍କ ପହଣ୍ଡି କରାଯାଉଛି।



କାମାକ୍ଷାନଗରରେ ବାହୁଡ଼ା ଯାତ୍ରା।



ଖଜୁରିଆକଟା

## ସଂକ୍ଷେପରେ

### ଝଡ଼ାଫୁଙ୍କା ଯୋଗୁ ଶିଶୁକନ୍ୟା ମୃତ

**ଅନୁଗୋଳ ଅଫିସ, ୯।୭:** ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳର ଜଣେ ୩ ବର୍ଷର ଶିଶୁ କନ୍ୟାର ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ମୃତ୍ୟୁ ହୋଇଛି। ଠିକ୍ ସମୟରେ ଚିକିତ୍ସା ନ ମିଳିବାରୁ ଶିଶୁର ଜୀବନ ଯାଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ଶିଶୁଟିର କୌଣସି କାରଣରୁ ଝାଡ଼ାବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା କରିବା ବଦଳରେ ଝଡ଼ାଫୁଙ୍କା କରିବାକୁ ନେଇଥିଲେ। ଝଡ଼ାଫୁଙ୍କା କରିଥିଲେ ମଧ ତାର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଥିଲା। ଶନିବାର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ।

### ଠକାମିର ଶିକାର ହେଲେ ଅଭିଜିତ୍

**ଅନୁଗୋଳ ଅଫିସ, ୯।୭:** ଅନୁଗୋଳ ହେମସୁରପଡ଼ାରେ ରହି ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିବା ଝାଡ଼ଖଣ୍ଡ ରାଜ୍ୟର ଅଭିଜିତ ପାଣ୍ଡେ ଅନ୍‌ଲାଇନ ଠକେଇର ଶିକାର ହୋଇଛନ୍ତି। ଅନଲାଇନ ଠକ ଜଣଙ୍କ ତାଙ୍କଠାରୁ ୮୫ ହଜାର ଟଙ୍କା ଠକି ନେଇଯାଇଛି। ଏ ନେଇ ଅଭିଜିତ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୦/୨୨ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ସୂଚନାଯୋଗ୍ୟ ଅଭିଜିତ ମୋବାଇଲରେ ଫେସ୍‌ବୁକ୍ ଦେଖିବା ସମୟରେ ସେଥିରେ ସ୍କୁଟି ୮୫ ହଜାର ଟଙ୍କାରେ ମିଳୁଥିବା ଦେଖିଥିଲେ। ଏହାପରେ ସେଥିରେ ଥିବା ନମ୍ବରରେ ଫୋନ କରିବାରୁ ସ୍କୁଟି ପ୍ରଦାନ ପାଇଁ ଅଗ୍ରିମ ଟଙ୍କା ଦେବାକୁ କୁହାଯାଇଥିଲା। ଏହାପରେ ଅଭିଜିତ ୩ କିସ୍ତିରେ ଟଙ୍କା ଦେଇଥିଲେ ମଧ ସ୍କୁଟି ଆସି ନ ଥିଲା। ଓଲଟା ଆହୁରି ଟଙ୍କା ଦେବାକୁ ଠକ ଜଣଙ୍କ କହିଥିଲା। ଅଭିଜିତ୍‌ଙ୍କ ସନ୍ଦେହ ହେବାରୁ ସେ ସାଇବର ଥାନା ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ଜଣାପଡ଼ିଛି।

# ବାହୁଡ଼ିଲେ ବିଶ୍ୱବିହାରୀ


ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାର ସମ୍ମୁଖରେ ତିନି ରଥ।

**ଅନୁଗୋଳ ଅଫିସ, ୯।୭**

■ସିଂହଦ୍ୱାରରେ ସଅଳ ପହଞ୍ଚିଲା ତିନି ରଥ

■ଆଜି ସୁନାବେଶରେ ଦର୍ଶନ ଦେବେ ଶ୍ରୀଜୀଉ

ରତ୍ନବେଦୀରୁ ଜନ୍ମବେଦୀ। ସରିଛି ୯ ଦିନର ଲୀଳାଖେଳା। ଭଉଣୀ-ଭାଇଙ୍କୁ ସାଙ୍ଗରେ ଧରି ଶୈଳଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ପ୍ରଭୁ ଲୀଳାମୟ। ନିର୍ଦ୍ଧାରିତ ସମୟ ପୂର୍ବରୁ ସିଂହଦ୍ୱାରରେ ପହଞ୍ଚିଛି ୩ ରଥ। ପ୍ରବଳ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଏହି ମହାପର୍ବରେ ସାମିଲ ହେବାକୁ ଶ୍ରଦ୍ଧାଳୁଙ୍କ ମଧରେ ଦେଖିବାକୁ ମିଳିଥିଲା ବିପୁଳ ଉତ୍ସାହ। ରଥ ଚକଡ଼ା ଛୁଇଁବା ପରେ ପରିଚାଳନା କମିଟି ପକ୍ଷରୁ ରବିବାର ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଆତୁର ନୟନରେ ଚାହିଁଥିଲେ ଶ୍ରଦ୍ଧାଳୁ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଅପେକ୍ଷା କରି ରହିଥିଲେ ୩ ରଥ। ପୂର୍ବାହ୍ନ ୮ଟାରେ ମଙ୍ଗଳାର୍ପଣ ନୀତି ପରେ ଗୋଟି ପହଣ୍ଡିରେ ସାଢ଼େ ୯ଟା ବେଳକୁ ରଥାରୂଢ଼ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ଜୟଜଗନ୍ନାଥ ଧ୍ୱନିରେ ଗଗନପବନ ସ୍ତମ୍ଭୀଭୂତ ହୋଇପଡ଼ିଥିଲା। ଏଥିପୂର୍ବରୁ ଭୋର୍ ସାଢ଼େ ୩ଟାରୁ ପର୍ଯ୍ୟାୟକ୍ରମେ ଦ୍ୱାରାଫିଟା, ମଙ୍ଗଳ ଆଳତି, ସେନାପଟା ଲାଗି, ଅବକାଶ, ରୋଶ ହୋମ କରାଯାଇଥିଲା। ୫.୩୦ରେ ବେଶ ଲାଗି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗରୁଡ଼ ପୂଜା, ବାଲଧୂପ, ଖେଚୁଡ଼ି ଧୂପ ସମ୍ପନ୍ନ ହୋଇଥିଲା। ୭.୩୦ରେ ରଥ ପ୍ରତିଷ୍ଠା ଓ ଚାରମାଳ ଲାଗି ଗୋଟି ପହଣ୍ଡିରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ୧୧ଟାରେ ମଦନମୋହନ ରଥ ବିଜେ କରିବା ପରେ ମଧାହ୍ନ ସାଢ଼େ ୧୨.୩୦ରେ ତିନି ରଥରେ ଛେରା ପହଁରା ନୀତି ଅନୁଷ୍ଠିତ ହୋଇଥିଲା। ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ଉପସଭାପତି ତଥା ଏସ୍‌ପି ଜଗମୋହନ ମୀନା ଛେରାପହଁରା କରିଥିଲେ। ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହୋଇଥିଲା।

ଅନୁଗୋଳରେ ସକାଳୁ ତୁହାକୁ ତୁହା ବର୍ଷା ଜାରି ରହିଥିଲେ ମଧ ବାହୁଡ଼ାଯାତ୍ରାକୁ ଫିକା ପକାଇ ପାରି ନ ଥିଲା। ଥାନାଛକରେ ପୋଡ଼ ପିଠା, ଛେନାପୋଡ଼ ଭୋଗ ଲାଗି ପରେ ମୂଷଳ ଧାରରେ ବର୍ଷା ଆରମ୍ଭ ହୋଇଥିଲା। ଏହାକୁ ଖାତିର ନ କରି ଭକ୍ତମାନେ ରଥକୁ ଟାଣି ନେଇଥିଲେ। ଦର୍ପଦଳନ ରଥ ଟାଣିବା ପାଇଁ ମହିଳା ଶ୍ରଦ୍ଧାଳୁଙ୍କ ମଧରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସିଂହଦ୍ୱାରଠରେ ରଥ ପହଞ୍ଚିବା ପରେ ଶ୍ରୀଜୀଉଙ୍କୁ ଭକ୍ତମାନେ ଦର୍ଶନ କରିଥିଲେ। ସେହିଭଳି ଅନୁଗୋଳ ହୁଲୁରିସିଂହା, ହେମସୁରପଡ଼ା, ଅମଲାପଡ଼ା ସହ ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି।




ଜନ୍ମବେଦୀରୁ ଠାକୁରଙ୍କୁ ପହଣ୍ଡି କରି ନିଆଯାଉଛି।

## ଦେବଭୂମିରେ ବାହୁଡ଼ା ଯାତ୍ରା

**ଅନୁଗୋଳ ଅଫିସ,୯।୭**

ଅନୁଗୋଳ ଜିନ୍ଦଲ ନଗର ଦେବଭୂମିରେ ଶନିବାର ବାହୁଡ଼ାଯାତ୍ରା ପାଳିତ ହୋଇଯାଇଛି। ଘଣ୍ଟବାଦ୍ୟ, ଲଉଡ଼ିଖେଳ, ନାମ ସଂକୀର୍ତ୍ତନର ତାଳେ ତାଳେ ଠାକୁର ରଥାରୂଢ଼ ହୋଇ ମାଉସୀ ମା' ମନ୍ଦିରରୁ ଜଗନ୍ନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ମନ୍ଦିରର ଆଦ୍ୟ ସେବକ ଏବଂ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଅଧକ୍ଷ ନବୀନ ଜିନ୍ଦଲ ଯୋଗଦେଇ ପହଣ୍ଡି ସେବା ଏବଂ ଛେରା ପହଁରା ନୀତି ସମ୍ପନ୍ନ କରିଥିଲେ। ଏହି ଅବସରରେ ସେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଏଥିପୂର୍ବରୁ ପ୍ରାତଃ ୪.୪୫ରୁ ଶ୍ରୀଜୀଉଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଜେଏସ୍‌ପିଏଲ୍ ଫାଉଣ୍ଡେଶନ ଅଧକ୍ଷା ସାଲୁ ଜିନ୍ଦଲ ପ୍ରାତଃ ସମୟରେ ଗୁଣ୍ଡିଚା ମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜାରେ ସାମିଲ ହୋଇଥିଲେ।

ବାହୁଡ଼ାଯାତ୍ରାରେ ଜିନ୍ଦଲ ନଗର, ଛେଣ୍ଡିପଦା ଏବଂ ଅନୁଗୋଳ ସମେତ ଜିଲାର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥକୁ ମହିଳାମାନେ ଟାଣିଥିଲେ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ବାହୁଡ଼ାଯାତ୍ରାର ଦୃଶ୍ୟାବଳୀ ଫେସବୁକ ଏବଂ ୟୁଟ୍ୟୁବ୍ ମାଧମରେ ପ୍ରସାରଣ କରାଯାଇଥିଲା। ରବିବାର ସୁନାବେଶରେ ଶ୍ରୀଜୀଉ ଦର୍ଶନ ଦେବେ। ସୋମବାର ଅଧରପଣା ନୀତି ସମ୍ପନ୍ନ ହେଲା ପରେ ମଙ୍ଗଳବାର ନୀଳାଦ୍ରି ବିଜେ ନୀତି ଅନୁଷ୍ଠିତ ହେବ।


ଜିନ୍ଦଲ ନଗର ଦେବଭୂମିରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।

# ବର୍ଷା ସତ୍ତ୍ୱେ ବିପୁଳ ଉତ୍ସାହ

**ବଇଣ୍ଡା/ଛେଣ୍ଡିପଦା/ଆଠମଲ୍ଲିକ/ବଅଁର ପାଳ/କଣିହାଁ, ୯।୭(ଡି.ଏନ.ଏ./ସ୍ୱ.ପ୍ର.)**

ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ବାହୁଡ଼ାଯାତ୍ରା। ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ମଧରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବର୍ଷାରେ ଭିଜି ଭିଜି ସେମାନେ ରଥକୁ ଶ୍ରୀମନ୍ଦିର ଅଭିମୁଖେ ଟାଣି ନେଇଥିଲେ।

କିଶୋରନଗର ବ୍ଲକ ବଇଣ୍ଡା, ବିଲେଇନାଳୀ, ସରିଗିପାଲି, ବାମୁର, ଘୋଷର, ବାଟିମୁଣ୍ଡା, ଉରୁକୁଳାରେ ବାହୁଡା ଯାତ୍ରା ପାଳିତ ହୋଇଯାଇଛି। ମାଉସୀ ମା' ମନ୍ଦିରରେ ୯ ଦିନ ରହିବା ପରେ ପୋଡ଼ ପିଠା ଖାଇ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଶ୍ରୀଜୀଉ। ଘଣ୍ଟବାଦ୍ୟ, ଲଉଡ଼ିଖେଳ, ନାମ ସଂକୀର୍ତ୍ତନରେ ପରିବେଶ ମୁଖରିତ ହୋଇଉଠିଥିଲା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ମୁତୟନ ହୋଇଥିଲେ। ସେହିପରି ଆଠମଲ୍ଲିକ ବ୍ଲକ ପେଡ଼ିପଥର, ଠାକୁରଗଡ଼, କୃତ୍ତିବାସପୁର, ଟାପଡୋଲରେ ବାହୁଡ଼ା ଯାତ୍ରାକୁ ନେଇ ଶ୍ରଦ୍ଧାଳୁଙ୍କ ମଧରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା।

ଛେଣ୍ଡିପଦାରେ ମହାଆଡମ୍ବରରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଯାଇଥିଲା। ସନ୍ଧ୍ୟା ସୁଦ୍ଧା ରଥ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଛି। ସେହିପରି କୋଶଳା, ବାଗଡିଆ, ବାଲିପଟା, କୋରଡ଼ା, ଜରପଡ଼ା, ଜେରେଙ୍ଗ, ବ୍ରାହ୍ମଣବିଲ, ଦୁର୍ଗାପୁର, ଓଗୀ, ତୁକୁଡାରେ ବାହୁଡ଼ାଯାତ୍ରା ପାଳିତ ହୋଇଛି। ଶୃଙ୍ଖଳାରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଆଠମଲ୍ଲିକରେ ମନ୍ଦିର ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ଦ୍ୱାରା ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପନ୍ନ ପରେ ଅପରାହ୍ନ ୪ଟାରେ ରଥଟଣା ଯାଇଥିଲା। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଲଳିତ ମୋହନ ବେହେରା କର୍ତ୍ତା ଭାବେ ଉପସ୍ଥିତ ଥିଲେ। ୭ଟାରେ ରଥ ରଥଖଳାରେ ପହଞ୍ଚିଛି। ସୋମବାର ଆଧାରପଣା ନୀତି ପରେ ମହାପ୍ରଭୁ ରତ୍ନବେଦୀ ବିଜେ କରିବେ।

ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ରରେ ହର୍ଷ ଉଲ୍ଲାସର ସହ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ସମସ୍ତ ନୀତି ଶେଷ ହେବା ପରେ ପୂର୍ବାହ୍ନ ୧୦ଟାରେ ଦଇତା ସେବକମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି କରାଇ ରଥାରୂଢ଼ କରିଥିଲେ। ଅପରାହ୍ନ


ଠାକୁରଗଡ଼ ଅଞ୍ଚଳରେ ହୋଇଥିବା ରଥଯାତ୍ରା।

### ଶାନ୍ତିଶୃଙ୍ଖଳାରେ ସରିଲା ବାହୁଡ଼ାଯାତ୍ରା

୩ଟାରେ ବିଧାୟକ ରଜନୀକାନ୍ତ ସିଂଙ୍କ ଦ୍ୱାରା ଛେରାପହଁରା ନୀତି ସମ୍ପନ୍ନ ହୋଇଥିଲା। ପରିଚାଳନା ସମିତିର ପୂର୍ବତନ ସଭାପତି ସତ୍ୟବାନ ବରାହ, ଛବିମୋହନ ସାହୁ, ଉପସଭାପତି ପୀତାମ୍ବର ସାହୁ, ଉପଦେଷ୍ଟା ନରେଶ ଚନ୍ଦ୍ର ସାହୁ, ନିର୍ମଳ ଗଡ଼ନାୟକ, ସମ୍ପାଦକ ଅଲେଖ ଦାସ, ପ୍ରଦୀପ ମାଝି, ଅପି ସାହୁ, ଅପି ସାମଲ, ସୁବାସ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ। ପୋଲିସ ତଥା ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ସନ୍ଧ୍ୟା ୬ ଟାରେ ତିନି ରଥ ଶ୍ରୀମନ୍ଦିର ନିକଟରେ ପହଞ୍ଚିଛି। ସେହିପରି ନାଲ୍‌କୋ ନଗରରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ମନ୍ଦିର କମିଟି ସଭାପତି ଅମ୍ବିକା ପ୍ରସାଦ ପଣ୍ଡା ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟାଏ ଧରି ବର୍ଷା ହୋଇଥିବାବେଳେ ଶ୍ରଦ୍ଧାଳୁମାନେ ଭିଜିଭିଜି ରଥ ଟାଣିଥିଲେ। ନାଲ୍‌କୋ ସରସ୍ୱତୀ ବିଦ୍ୟାମନ୍ଦିରର ବରିଷ୍ଠ ଶିକ୍ଷକ ସତ୍ୟବାଦୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ସନ୍ଧ୍ୟା ୬ଟାରେ ନାଲ୍‌କୋ ଜଗନ୍ନାଥ ମନ୍ଦିରର ଦକ୍ଷିଣ ଦ୍ୱାରରେ ରଥ ପହଞ୍ଚିଛି। ଏହି ଉପଲକ୍ଷେ ଭକ୍ତଙ୍କୁ କାକରା, କାନିକା, ଶୁଖିଲା ଭୋଗ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଗାୟିକା ରତ୍ନ ଲକ୍ଷ୍ମୀପ୍ରିୟା ଦାସ ଏବଂ ତାଙ୍କ ସାଥୀଙ୍କୁ ନାଲ୍‌କୋନଗର 'ଆଦିକବି ସାରଳା ଦାସ ସ୍ମୃତି ପରିଷଦ' ପକ୍ଷରୁ ସମ୍ମାନିତ କରାଯାଇଥିଲା। ନାଲ୍‌କୋ ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ତାଙ୍କ ସହଧର୍ମିଣୀ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ପରିଷଦର ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

ବାହୁଡ଼ାଯାତ୍ରାକୁ ନେଇ କଣିହାଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବାବେଳେ ଏଥିରେ ସାମିଲ ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ। ରେଙ୍ଗାଳି ଡ୍ୟାମ ନିକଟରେ ଅନୁଷ୍ଠିତ ବାହୁଡ଼ା ଯାତ୍ରାରେ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା ଛେରାପହଁରା କରିଥିଲେ। ନିର୍ଦ୍ଧାରିତ ସମୟରେ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ରଥ ପହଞ୍ଚିଛି। ରବିବାର ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। କପିଳେଶ୍ୱର ମନ୍ଦିର ପରିଚାଳନା କମିଟି, ସ୍ୱେଚ୍ଛାସେବୀ, ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ସେହିପରି ବଡ଼ଗୁଣ୍ଡୁରୀ, ପଥରମୁଣ୍ଡା, ସମଲ, ବଜ୍ରକୋଟ, ଏନ୍‌ଟିପିସି ପ୍ରକଳ୍ପରେ ଆନନ୍ଦ ଉଲ୍ଲାସରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।


ନାଲ୍‌କୋ ନଗର।


କଣିହାଁ ରେଙ୍ଗାଳି ଡ୍ୟାମ।


ଆଠମଲ୍ଲିକ


ବଅଁରପାଳ ପଞ୍ଚ ଶ୍ରୀକ୍ଷେତ୍ର।


ଛେଣ୍ଡିପଦା

